ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/MSME(OD)/ 1401/06-03-2021**

# ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ବାଣିଜ୍ୟ ମେଳା-୨୦୨୧ର ଦ୍ୱିତୀୟ ଦିନରେ 'ରାଜ୍ୟରେ କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପର ସମ୍ଭାବ୍ୟତା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ

ଭୁବନେଶ୍ୱର, ତା.୦୬/୦୩/୨୦୨୧

ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ନବମ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବାଣିଜ୍ୟ ମେଳାର ଦ୍ୱିତୀୟ ଦିନରେ କୃଷି ଉତ୍ପାଦନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ରାଜକୁମାର ଶର୍ମାଙ୍କ ଅଧ୍ୟକ୍ଷତାରେ 'ଓଡ଼ିଶାରେ କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପର ସମ୍ଭାବ୍ୟତା' ଶୀର୍ଷକ ଏକ ଆଲୋଚନାଚକ୍ର ସେମିନାର୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି ।

ଆଲୋଚନା ଚକ୍ର ପ୍ରାରମ୍ଭରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ ରାଜ୍ୟରେ କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପର ସମ୍ଭାବ୍ୟତା ସଂପର୍କରେ ସମ୍ୟକ ଦୃଷ୍ଟିପାତ ପ୍ରଦାନ କରିଥିଲେ । ଓଡ଼ିଶାରେ ବିଭିନ୍ନ କୃଷି ସାମଗ୍ରୀ ଉତ୍ପାଦନ ହେଉଥିବାବେଳେ ସେଗୁଡ଼ିକର ଅନ୍ତର୍ଜାତୀୟ ସ୍ତରୀୟ ବ୍ରାଣ୍ଡିଂ ଓ ପ୍ୟାକେଜିଂର ଆବଶ୍ୟକତା ରହିଛି । ମତ୍ସ୍ୟ ବିଭାଗର ବହୁଳ ଉତ୍ପାଦନ ନିମନ୍ତେ ଜାତୀୟ ସ୍ତରରେ ଓଡ଼ିଶା ପରସ୍କୃତ ହୋଇଛି । ମିଶନ ଶକ୍ତି, ଓଡ଼ିଶା ଦ୍ୱାରା 'ଗୋଟିଏ ଜିଲ୍ଲା ଗୋଟିଏ ଉତ୍ପାଦ' ଚିହ୍ନଟ କରାଯାଇ ଜିଲ୍ଲା ସମନ୍ୱିତ ଉତ୍ପାଦନ ସଂସ୍ଥା ଗଠନ କରାଯାଉଛି ବୋଲି ଶ୍ରୀ ସାହୁ ସୂଚନା ଦେଇଥିଲେ । ସଫଳ ଉଦ୍ୟୋଗୀ ଶ୍ରୀ ଜୟ ବେହେରା ନିଜରଦୁଇ ଏକର ଜମିରୁ ଆରମ୍ଭ କରିଥିବା ମତ୍ସ୍ୟ ଉତ୍ପାଦନକୁ ୩୫୦ ଏକର ଜମିକୁ ସଂପ୍ରସାରିତ କରିଥିବାର କାହାଣୀ ବର୍ଣ୍ଣନା କରିଥିଲେ । ସଂପ୍ରତି ବାର୍ଷିକ ୧୨ କୋଟି ଟଙ୍କାର ମତ୍ସ୍ୟ ଉତ୍ପାଦନ କରି କେବଳ ଗଞ୍ଜାମ ଜିଲ୍ଲା ନୁହେଁ ସମଗ୍ର ରାଜ୍ୟ ପାଇଁ ସେ ସମସ୍ତଙ୍କର ପ୍ରେରଣାର ଉତ୍ସ ହୋଇଛନ୍ତି । ଭୁବନେଶ୍ୱର ନିକଟସ୍ଥ କଣ୍ଟାବାଡ଼ଠାରେ ୧୫ ଏକର ଜମିରେ କର୍ଣ୍ଣେଲ ସୁଜନ ମହାନ୍ତି ଅର୍କିଡ୍ ଉତ୍ପାଦନ କରି ସଫଳ ହେବା ସହିତ ମହୁ ଓ ଛତୁ ଚାଷ କରି ଆତ୍ମନିର୍ଭରଶୀଳ ହେବା ସହ ଆଖପାଖ ଗ୍ରାମର କିଛି ଲୋକଙ୍କୁ ନିୟୋଜିତ କରିପାରିଛନ୍ତି । ସେ ୪୫ ଲକ୍ଷ ଟଙ୍କାର ବିନିଯୋଗ କରି ସରକାରୀ ରିହାତି ପାଇବା ସହ ୨ ବର୍ଷ ୬ ମାସ ମଧ୍ୟରେ ଲାଭାନ୍ୱିତ ହୋଇପାରିଛନ୍ତି । କରୋନା ସମୟରେ ଅର୍କିଡ୍ ଫୁଲ ଦ୍ୱାରା କରୋନା ଯୋଦ୍ଧାମାନଙ୍କୁ ଉପହାର ପ୍ରଦାନ କରି ସେ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଛନ୍ତି । ସେହିପରି ସଫଳ କୁକୁଡ଼ା ଚାଷୀ ଶ୍ରୀ ସଂଜୟ ସାବତ, ମାଛ ଜାଆଁଳ ଚାଷୀ ଶ୍ରୀ ଅକ୍ଷୟ ସାହୁ, ଶ୍ରୀ କମଳ ମିଶ୍ର, ଶ୍ରୀ ସଚ୍ଚିଦାନନ୍ଦ ଦାସ, ଡ. ଶରତ ଚନ୍ଦ୍ର ସାହୁ ସେମାନଙ୍କ ଉଦ୍ୟୋଗର ସଫଳତା ସଂପର୍କରେ ଆଲୋଚନା କରିଥିଲେ ।

ଉଦ୍ୟାନ ବିଭାଗ ନିର୍ଦ୍ଦେଶକ ଶ୍ରୀ ରୋହିତ କୁମାର ଲେଙ୍କା ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ଯୋଜନା ଓ ରିହାତି ବିଷୟରେ କହିଥିଲେ । ଓଡ଼ିଶା ରାଜ୍ୟ ବାର୍ଷିକ ୯୦ ଲକ୍ଷ ମେଟ୍ରିକ୍ ଟନ ପରିବା ଉତ୍ପାଦନ କରୁଛି । ୬୦ ଲକ୍ଷ ମେଟ୍ରିକ୍ ଟନ୍ ଖର୍ଚ୍ଚ କରି ବଳକା ୩୦ ଲକ୍ଷ ମେଟ୍ରିକ୍ ଟନ ରପ୍ତାନୀ କରିପାରୁଛି । କୃଷି ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର ଓଡ଼ିଶା ରାଜ୍ୟ ବିଭିନ୍ନ କୃଷିଜାତ ଦ୍ରବ୍ୟ ଉତ୍ପାଦନରେ ଏକ ବଳକା ରାଜ୍ୟ ହୋଇଥିବାବେଳେ ମକା ଓ କପା ବିଦେଶକୁ ରପ୍ତାନୀ କରିପାରୁଛି ବୋଲି ସୂଚନା ଦେଇଥିଲେ । ରାଜ୍ୟର ଉତ୍ପାଦିତ ସାମଗ୍ରୀକୁ ବ୍ରାଣ୍ଡିଂ ଓ ବଜାର ସୃଷ୍ଟିର ଆବଶ୍ୟକତା ରହିଥିବା କହିଥିଲେ । ଆଗାମୀ ୩ ବର୍ଷରେ ଓଡ଼ିଶାରେ ୫ ଲକ୍ଷ ଫାର୍ମ ପଣ୍ଡ କରାଯିବ ବୋଲି ସେ କହିଥିଲେ । ମତ୍ସ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ (ବୈଷୟିକ) ଶ୍ରୀ ଡି. ଭଞ୍ଜ ଓଡ଼ିଶା ଦେଶର ଚତୁର୍ଥ ମଧୁର ମାଛ ଉତ୍ପାଦନକାରୀ ରାଜ୍ୟ । ରାଜ୍ୟରେ ବାର୍ଷିକ ୬.୮୪ ଲକ୍ଷ ମେଟ୍ରିକ୍ ଟନ ମଧୁର ଚାଷ ଉତ୍ପାଦନ ହେଉଥିବା ସେ ପ୍ରକାଶ କରିଥିଲେ । ମାଛ ପୋଖରୀ ଯୋଜନା, ପ୍ରଧାନମନ୍ତ୍ରୀ ମତ୍ସ୍ୟ ଯୋଜନା ଦ୍ୱାରା ମାଛ ଚାଷୀମାନେ ଋଣ ଓ ରିହାତିର ସୁଯୋଗ ରହିଥିବା ସେ କହିଥିଲେ । ରାଜ୍ୟରେ ଥିବା ୪୮୦ କିମି ସୁଦୀର୍ଘ ଉପକୂଳ ଅଞ୍ଚଳରେ ୧୭୪୧ଟି ଟ୍ରଲର ଦ୍ୱାରା ଲୁଣି ମାଛ ଧରାଯାଉଛି । ସହରରେ ଫିସ କିଓସ୍କ କରାଯିବା ପାଇଁ

ରାଜ୍ୟ ସରକାର ସାଧାରଣ ଲୋକଙ୍କୁ ଶତକଡ଼ା ୬୦ ଭାଗ ରିହାତି ପ୍ରଦାନ କରାଯାଉଥିବା ପ୍ରକାଶ କରିଥିଲେ । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରଫେସର ସନତ ମିଶ୍ର ମୂଲ୍ୟଯୁକ୍ତ ସାମଗ୍ରୀ, ଆତ୍ମନିର୍ଭରଶୀଳତାର ଉତ୍ପାଦନ ସକ୍ରିୟତା ସଂପର୍କରେ ଆଲୋକପାତ କରିଥିଲେ । ଆପିକଲର ଏମ୍‌ଡି ଶ୍ରୀ ପ୍ରଭାତ କୁମାର ରାଉଳ ଗଡ଼ା ଦେଉଳଙ୍କୁ ସାକ୍ଷୀ ନାହିଁ ବୋଲି କହିଥିଲେ । ଓଡ଼ିଶାରେ ଅପୂର୍ବ ସୁଯୋଗ ଓ ଅଫୁରନ୍ତ କାର୍ଯ୍ୟ କରିବା ପାଇଁ ସୁଯୋଗ ଅଛି । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୫୦ ଲକ୍ଷ ପର୍ଯ୍ୟନ୍ତ ରିହାତି ମିଳୁଛି । ସଂପ୍ରତି ପୁରୀ ଜିଲ୍ଲାର ଡେଲାଙ୍ଗ ଅଞ୍ଚଳରେ ୫୦ ଜଣ ମାଛଚାଷୀଙ୍କୁ ନେଇ ଏକ ମତ୍ସ୍ୟଗ୍ରାମ ପ୍ରତିଷ୍ଠା କରାଯାଉଛି । ସୋଲାର ଶୀତଳ ଭଣ୍ଡାର ଓ ଗ୍ରାମୀଣ ଗୋଦାମ ନିମନ୍ତେ ମଧ୍ୟ ସରକାରୀ ରିହାତି ଦିଆଯାଉଥିବା ସେ କହିଥିଲେ ।

କୃଷି ଉତ୍ପାଦନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ରାଜକୁମାର ଶର୍ମା ସମସ୍ତ ସଫଳ ଉଦ୍ୟୋଗୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିବା ସହିତ ସେମାନଙ୍କର ଅଭିଜ୍ଞତାକୁ ଆଗାମୀ ଦିନରେ ପାଥେୟ କରାଯାଇ ଅନ୍ୟମାନଙ୍କୁ ପ୍ରୋତ୍ସାହିତ କରାଯିବ ବୋଲି କହିଥିଲେ । ସାମାଜିକ ଗଣମାଧ୍ୟମରେ ସମସ୍ତ ସଫଳ କାହାଣୀକୁ ପ୍ରସାର ଓ ପ୍ରଚାର କରାଯିବ । ଉତ୍ପାଦଗୁଡ଼ିକୁ ମୂଲ୍ୟଯୁକ୍ତ କରିବା ଆଜିର ଆହ୍ୱାନ । ଗ୍ରାମୀଣ ଚାଷୀଙ୍କୁ କିପରି କ୍ରେଡିଟ୍ ଲିଙ୍କେଜ୍ କରାଯିବା ସେ ସଂପର୍କରେ ବ୍ୟାଙ୍କଗୁଡ଼ିକ ସହ ମୁଖ୍ୟମନ୍ତ୍ରୀଙ୍କ ବୈଠକ ନିଶ୍ଚିତ ସୁଫଳ ଆଣିବ ବୋଲି ସେ କହିଥିଲେ । ବ୍ୟବହୃତ ହେଉନଥିବା ଜମି, ସମନ୍ୱିତ ଫାର୍ମିଂ, ଆବେଗ ଓ ମାନ୍ୟତାକୁ ପାଥେୟ କରି ସମସ୍ତ ଉଦ୍ୟୋଗୀ ଆଗେଇ ଚାଲନ୍ତୁ ବୋଲି ସେ ଆହ୍ୱାନ ପ୍ରଦାନ କରିଥିଲେ । ଶେଷରେ ସମସ୍ତ ସଫଳ ଉଦ୍ୟୋଗୀ ଓ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ଓ ଶିଳ୍ପ ନିର୍ଦ୍ଦେଶକ ଶ୍ରୀ ରେଘୁ ଜି. ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ । ଯୁଗ୍ମ ସଚିବ ଶ୍ରୀ ଶିବନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ଅଧିବେଶନରେ ବ୍ୟାଙ୍କର୍ସ ଓ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀମାନଙ୍କ ସହିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି ।

ଏହି ଆଲୋଚନାଚକ୍ରରେ ରାଜ୍ୟର ସଫଳ ଉଦ୍ୟୋଗୀଙ୍କ ସହିତ ଜି.ଏମ୍, ଡିଆଇସି, ବିଭିନ୍ନ ବିଭାଗୀୟ କର୍ମକର୍ତ୍ତା, ସର୍ବୋପରି ଏମ୍‌ଏସ୍‌ଏମ୍‌ଇ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ସୁବାଷ ନିଆଲ
ସୂଚନା ଅଧିକାରୀ